# Akashvani, Sambalpur

## SAMBALPURI NEWS BULLETIN

### 18 March 2024- 6.47- 6.52 am.

**********************************************

ମୁଖ୍ୟ ନିର୍ବାଚନ୍ ଅଧିକାରୀ-ଭୋଟ୍ ପ୍ରସ୍ତୁତି/ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ୨୧ ଟା ଲୋକ୍‌ସଭା ଆଉ ଶହେ ୪୭ ଟା ବିଧାନ୍‌ସଭା ଆସନ୍ ଲାଗି ଆଏବା ମେ ୧୩ ତାରିଖ୍‌ନୁ ୪ ଟା ଖେପେ ଭୋଟ୍ ହେବା । ଇଥିର୍‌ଲାଗି ରାଜ୍ୟର୍ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସବୁ ପ୍ରକାର୍ ପ୍ରସ୍ତୁତି ସରିଛେ । ସୁରୁଖୁରୁଥି ନିର୍ବାଚନ୍ ପରିଚାଲ୍‌ନା ଲାଗି ୩୦ ଝନ୍ ଜିଲ୍ଲା ନିର୍ବାଚନ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛେ । ଇତାର୍‌ସହେତେ ଲୋକ୍‌ସଭା ଲାଗି ୨୧ ଝନ୍ ରିଟର୍ଣ୍ଣିଂ ଅଫିସର୍, ବିଧାନ୍‌ସଭା ଲାଗି ଶହେ ୩୧ ଝନ୍ ରିଟର୍ଣ୍ଣିଂ ଅଫିସର୍ ଆଉ ୨ ଶହ ୯୪ ଝନ୍ ସହକାରୀ ରିଟର୍ଣ୍ଣିଂ ଅଫିସର୍‌ଙ୍କୁ ନିଯୁକ୍ତି କରାଯିବାର୍ ସହେତେ ତାଲିମ୍ ଦିଆଯାଇଛେ । ଇତାର୍‌ଛଡ଼ା ସବୁ ମତଦାନ୍ କେନ୍ଦ୍ର ନ ୨ ଲାଖ୍ ୭୦ ହଜାର୍ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛେ । ଫି ମତଦାନ୍ କେନ୍ଦ୍ର ନ

୪ନେ ପ୍ରିଜାଇଡ଼ିଂ ଅଫିସର୍ ଆଉ ୫ ୪ନ୍ ପୁଲିଂ ଅଫିସର୍ ରହେବେ ବଲି ଜନାପଡ଼ିଛେ ।

କେଓ୍ୱାଇସି ଆପ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ନିର୍ବାଚନ୍ ଆୟୋଗ୍ 'ନୋ- ୟୋର୍ କେଣ୍ଡିଡେଟ୍-କେଓ୍ୱାଇସି' ମୋବାଇଲ୍ ଆପ୍ଲିକେସନ୍‌କେ ଭୋଟର୍ ମାନ୍‌କର୍ ଲାଗି ଗଲାକାଏଲ୍ ଶୁଭାରମ୍ଭ କରିଛନ୍ । ଗୁଗୁଲ୍ ପ୍ଲେ ଷ୍ଟୋର୍ ଆର୍ ଆପଲ୍ ଆପ୍ ଷ୍ଟୋର୍ ପ୍ଲାଟ୍‌ଫର୍ମଥି ଇ ଆପ୍‌କେ ଡାଉନ୍‌ଲୋଡ୍ କରି ହେବା । ଆପ୍ ଜରିଏ ଲୋକ୍‌ସଭା ନିର୍ବାଚନ୍‌ଥି ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନ୍‌କର୍ ବାବ୍‌ଦେ ସବୁ ପ୍ରକାର୍‌ର ସୂଚ୍‌ନା ଯେନ୍ତାକି ପ୍ରାର୍ଥୀମାନ୍‌କର୍ ଅପରାଧୀକ୍ ରେକର୍ଡ୍, ତାଙ୍କର୍ ସ୍ଥାବର ଅସ୍ଥାବର ସମ୍ପତିର୍ ବିବରଣୀ ବାଗିର୍ ଭିନ୍ ଭିନ୍ ତଥ୍ୟ ଜାନି ହେବା ।

ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା/ଆର୍‌ଏନ୍‌ୟୁ / ସମ୍ବଲପୁର

ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-ସିୟୁଇଟି ୟୁଜି ଆଏବା ମେ ମାସ ୧୫ ନୁ ୩୧ ତାରିଖ୍ ଭିତ୍‌ରେ ହେବା ବଲି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ - ୟୁଜିସିର ଅଧ୍ୟକ୍ଷ ଏମ୍. ଜଗ୍‌ଦୀଶ୍ କୁମାର୍ କହିଛନ୍ । ଇ ବାବ୍‌ଦେ ଆଏବା ୨୬ ତାରିଖ୍ ଦିନ ବିଜ୍ଞପ୍ତି ବାହାର୍‌ବା । ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି- ଏନ୍‌ଟିଏ ତର୍‌ଫୁ ସିୟୁଇଟି ୟୁଜି ପରୀକ୍ଷା କରାଯିବା । ଇଥିର୍‌ଲାଗି ଆଏବା ୨୬ ତାରିଖ୍ ଅନ୍‌ଲାଇନ୍‌ଥି ଫର୍ମ ପୂରଣ୍ କର୍‌ବାର୍ ଶେଷ୍ ଦିନ୍ ଆଏ । ଇନ ଜନେଇ ଦିଆଯାଇପାରେ ଯେ, ୨୦୨୪-୨୫ ଶିକ୍ଷା ବଛର୍‌ଥି ସ୍ନାତକ ନାଁ ଲେଖା ଲାଗି ଇ ପ୍ରବେଶିକା ପରୀକ୍ଷା କରାଯାଉଛେ । ଓଡ଼ିଆ ସହେତେ ୧୨ ଟା ଆଂଚଲିକ୍ ଭାଷାଥି ଇ ପରୀକ୍ଷା କରାଯିବା ବଲି ଆୟୋଗ୍‌ର ଅଧ୍ୟକ୍ଷ ସୂଚ୍‌ନା ଦେଇଛନ୍ ।

ଓଜେଇଇ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ୟୁଗ୍ମ ପ୍ରବେଶିକା ପରୀକ୍ଷା- ଓଜେଇଇ ୨୦୨୪ ଲାଗି ଅନ୍‌ଲାଇନ୍ ଆବେଦନ୍ ସମିଆ ବଢ଼ାଯାଇଛେ । ପରୀକ୍ଷାର୍ଥୀମାନେ ଆଏବା ୨୨ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ ବଲି ଓଜେଇଇ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସେନ୍ତା ୨୩ ନୁ ୨୫ ତାରିଖ୍ ଭିତ୍‌ରେ ଆବେଦନ୍‌କାରୀମାନ୍‌କୁ

ଫର୍ମ ସଂଶୋଧନ୍ ଲାଗି ସୁଯୋଗ୍ ମିଲ୍‌ବା । ଜାନୁଆରୀ ୨୫ ତାରିଖ୍‌ନୁ ଇଥିର୍‌ଲାଗି ଆବେଦନ୍ ମୁଲ୍ ହେଇଥିବାର୍ ବେଲେ ଶେଷ୍ ଦିନ୍ ଇ ମାସର୍ ୧୫ ତାରିଖ୍ ଥିଲା । ଏପ୍ରିଲ୍ ୩୦ ତାରିଖ୍ ଦିନ ଏଡ଼ମିଟ୍‌କାର୍ଡ଼ ବାହାର୍‌ବା । ମେ ପହେଲା ହପ୍ତାଥି ପରୀକ୍ଷା କର୍‌ବାର୍‌କେ ଯୋଜ୍‌ନା ରଖାଯାଇଛେ । ଇ ବାବ୍‌ଦେ ସବୁ ସୂଚ୍‌ନା ଓଜେଇଇ ୱେବ୍‌ସାଇଟ୍ www.ojee.nic.in ଥି ମିଲିପାରୁଛେ ।

ଆନ୍ତଃରାଜ୍ୟ ସମନ୍ୱୟ ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଅବକାରୀ ବିଭାଗ୍ ତରଫ୍‌ରୁ ଆଏବା ସାଧାରଣ ନିର୍ବାଚନ୍‌କେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍ ନ ଆନ୍ତଃରାଜ୍ୟ ସମନ୍ୱୟ ବୈଠକ୍ ହେଇଯାଇଛେ । ଅବକାରୀ ବିଭାଗ୍ ଯୁଗ୍ମ ଆୟୁକ୍ତ ରାଜେନ୍ଦ୍ର ବୋଥ୍ରାଙ୍କର୍ ଅଧ୍ୟକ୍ଷତାଥି ଆଭାସୀ ଜରିଏ ହେଇଥିବା ଇ ବୈଠକ୍‌ଥି ପଶ୍ଚିମ ଓଡ଼ିଶା ସହେତେ ଛତିଶ୍‌ଗଡ଼୍‌ର ସୀମାନ୍ତ ଜିଲ୍ଲାମାନ୍‌କର୍ ଅବକାରୀ ଅଧିକାରୀମାନେ ଇଥି ଯୋଗ୍ ଦେଇଥିଲେ । ବେଆଇନ୍ ମଦ କାର୍‌ବାର୍ ଆଉ ଅଲ୍‌ଗା ନିଶା ଦରବ୍ କାର୍‌ବାର୍ ଉପ୍‌ରେ ରୋକ୍ ଲଗାବାର୍ ଲାଗି ବୈଠକ୍‌ଥି

ଆଲୋଚନା ହେଇଥିଲା । ରାଜ୍ୟ ସୀମା ନ ନାକା ଡ୍ୟୁଟି ସହେତେ ଚେକ୍‌ପୋଷ୍ଟ ନ ଗାଡ଼ି ଯାଂଚ୍, ରାତି ପେଟ୍ରୋଲିଂ ଆଉ ବେଆଇନ୍ ନିଶା କାର୍‌ବାର୍ ରୁକ୍‌ବାର୍‌କେ ଚଢ଼ଉ୍ କର୍‌ବାର୍ ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଥିଲା ।

ପୁଲିସ୍ -ମାଜିଷ୍ଟ୍ରେଟ୍‌ଙ୍କର୍ ବୈଠକ ଆର୍‌ଏନ୍‌ୟୁ / ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲା ନ ସାଧାରଣ ନିର୍ବାଚନ୍‌କେ ଶାନ୍ତିଶୃଙ୍ଖଲାଥି ପରିଚାଳନା ଲାଗି ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ପୁଲିସ୍ ଆର୍ ମାଜିଷ୍ଟ୍ରେଟ୍‌ଙ୍କର୍ ସମନ୍ୱୟ ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍ ସୋମେଶ୍ କୁମାର୍ ଉପାଧ୍ୟାୟ ଇଥି ଅଧ୍ୟକ୍ଷତା କରିକରି ଆଏବା ମେ ମାସ ୨୫ ତାରିଖ୍ ଦିନ ହେବାର୍‌କେ ଥିବା ଭୋଟ୍‌କେ ଅବାଧ ଆଉ ସ୍ୱଚ୍ଛ କରାଯିବାର୍ ଉପ୍‌ରେ ଜୋର୍ ଦେଇଥିଲେ । ନିର୍ବାଚନ୍ ସମିଆଥି ରାଜନୈତିକ୍ ଦଲ୍ ଆର୍ ପ୍ରାର୍ଥୀ ମାନ୍‌କର୍ ବେଆଇନ୍ ଟଙ୍କା କାର୍‌ବାର୍ ଉପ୍‌ରେ କଡ଼ା ନଜର୍ ରଖ୍‌ବାର୍‌କେ ସେ ବୈଠକ୍‌ଥି ପରାମର୍ଶ ଦେଇଛନ୍ । ସେନ୍ତା ଟଙ୍କା କାର୍‌ବାର୍‌କେ ରୁକ୍‌ବାର୍ ଲାଗି ବେଙ୍କ୍ ମାନ୍‌କର୍ ସାହାଜ୍ ନିଆଯିବା ବଲି ପ୍ରସ୍ତୁତି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ମତଦାନ୍ କେନ୍ଦ୍ର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ୨ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ସହେତେ କଲାହାଣ୍ଡି ଲୋକ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ ୬ ଶହ ୩ ଟା ମତଦାନ୍ କେନ୍ଦ୍ର ଥାପ୍‌ନା କରାଯାଇଛେ ବଲି ଜିଲ୍ଲାପାଲ୍ ହେମକାନ୍ତ ସାଏ କହିଛନ୍ । ନୂଆପଡ଼ା ଠାନେ ସାମ୍ବାଦିକ୍ ମାନ୍‌କୁ ସୂଚ୍‌ନା ଦେଇକରି ସେ କହିଛନ୍ ଯେ, ୨୦ ଟା ଆଦର୍ଶ ସଖୀ ମତଦାନ୍ କେନ୍ଦ୍ର ରହିଥିବାର୍ ବେଲେ ଗୁଟେ ଦିବ୍ୟାଙ୍ଗ ବୁଥ୍ ରହିଛେ । ସେନ୍ତା ଖଡ଼ିଆଲ୍ ନିର୍ବାଚନ୍ ମଣ୍ଡଲୀ ନ ୨୦ ଟା ଆଦର୍ଶ ସଖୀ ମତଦାନ୍ କେନ୍ଦ୍ର ରହିଥିବାର୍ ବେଲେ ଗୁଟେ ଦିବ୍ୟାଙ୍ଗ ମତଦାନ୍ କେନ୍ଦ୍ର ରହିଛେ ।

ଝାର୍‌ସୁଗୁଡ଼ା-ହକି ପ୍ରଶିକ୍ଷଣ୍ ଶିବିର ଆର୍‌ଏନ୍‌ୟୁ / ସମ୍ବଲପୁର

ଝାର୍‌ସୁଗୁଡ଼ା ନ ହକି ଏସୋସିଏସନ୍ ତର୍‌ଫୁ ପିଲା ଟୁକେଲ୍‌କର୍ ଲାଗି ଆଏବା ୨୦ ତାରିଖ୍‌ନୁ ହକି ପ୍ରଶିକ୍ଷଣ୍ ଶିବିର ମୁଲ୍ ହେବା । ଇଟା ୭ ଦିନ୍ ଧରିକରି ଚାଲ୍‌ବା । ୨୦ ତାରିଖ୍

ସଖାଲର୍ ୭ ନୁ ୯ ବଜେତକ୍ ଆର୍ ଉପର୍‌ବେଲା ୪ ନୁ ସାଢ଼େ ୫ ବଜେତକ୍ ୯ ନୁ ୧୫ ବଛର୍ ବୟସର୍ ଶହେ ଝନ୍ ପିଲା ଟୁକେଲ୍‌କୁ ହକି ଷ୍ଟାଡିୟମ୍ ନ ତାଲିମ୍ ଦିଆଯିବା । ଇଥି ଲଇକେରା, କିର୍ମିରା, ଲଖନ୍‌ପୁର୍, ବ୍ରଜରାଜନଗର୍, ଝାର୍‌ସୁଗୁଡ଼ା ଇଲାକାର୍ ପିଲା ଟୁକେଲ୍ ଭାଗ୍ ନେବେ ।

ପାଣିପାଗ

ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ ବୈଶାଖୀ ପ୍ରଭାବ୍ ଥି ଆଏଜ୍ ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ସହେତେ ସମୁଦ୍ର ଖଣି ଆର୍ ଦକ୍ଷିଣ ଓଡ଼ିଶାର ଜିଲ୍ଲାମାନ୍‌କର୍ ଗୁଟେ ଜୁଡ଼େ ଜାଗା ନ ଘଡ଼ଘଡ଼ି ସାଙ୍ଗେ ହଲ୍‌କାନୁ ମଧମ ବର୍ଷା ସମ୍ଭାବନା ରହିଛେ ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଳିଛେ ।

ସେଆଡ଼େ ଗଲାକାଏଲ୍ ରାଜ୍ୟର ଦିନର୍ ସବୁନୁ ଜହ ତାତି ବଲାଙ୍ଗିର ଆରୁ ତାଲଚେର ନ ରେକର୍ଡ କରାଯାଇଥିଲା । ଦୁହି ଜାଗା ନ ସବୁନୁ ଜହ ତାତି ୩୬ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା ।

ସେନ୍ତା ଦିନର୍ ଜହ ତାତି ପଶ୍ଚିମଓଡ଼ିଶାର ସମ୍ବଲପୁର ନ ୩୫ ଦଶମିକ ୬, ଝାରସୁଗୁଡ଼ା ନ ୩୪ ଦଶମିକ ୮, ସୁବର୍ଣ୍ଣପୁର ନ ୩୪ ଦଶମିକ ୨, ବରଗଡ଼ ନ ୩୪ ଦଶମିକ ୧, ଦେବଗଡ଼ ନ ୩୪, ଭବାନୀପାଟଣା ନ ୩୨ ଦଶମିକ ୫ ଆର୍ ନୂଆପଡ଼ା ୩୨ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା ।